# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 February - 2026

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଆଜି ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହ କାର୍ଯ୍ୟ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ
- ରାଜ୍ୟରେ ଆସନ୍ତା ଏପ୍ରିଲ ମାସ ପହିଲାଠାରୁ ଆରମ୍ଭ ହେବ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ
- ଭୁବନେଶ୍ୱରରେ ଓଡ଼ିଶା ଦିବସରୁ କାର୍ଯ୍ୟକ୍ଷମ ହେବ ଭି.ଏଫ୍.ଏସ୍. ଗ୍ଲୋବାଲ ଭିସା ଆବେଦନ କେନ୍ଦ୍ର

ଏବଂ

- 'ବହୁ ଭାଷାଭିତ୍ତିକ ଶିକ୍ଷା କ୍ଷେତ୍ରରେ ଯୁବସ୍ୱରର' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ମାତୃଭାଷା ଦିବସ

# ବିଧାନସଭା–୧

ବିଧାନସଭାରେ ଆଜି ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ ଦଳ ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିବାରୁ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲିଥିବା ବେଳେ ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ସଦସ୍ୟମାନେ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ ସୃଷ୍ଟି କରିଥିଲେ। ବାଚସ୍ପତି ସୁରମା ପାଢ଼ି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇ ରଖିବା ଲାଗି ବିରୋଧୀ ଦଳ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବା ଲାଗି ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ସେଥିପ୍ରତି ଧ୍ୟାନ ଦେଇ ନ ଥିଲେ। ହଟ୍ଟଗୋଳ ମଧ୍ୟରେ ପ୍ରଥମେ ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେଇଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ସଦସ୍ୟ ଜୟ ଢୋଲକିଆ ଏବଂ ଜଲେନ ନାୟକଙ୍କୁ ନିବେଦନ ଉପସ୍ଥାପନ ଲାଗି ଡାକିଥିଲେ।

ସଦସ୍ୟ ଜୟ ଢୋଲକିଆ ନିଜ ଅଞ୍ଚଳରେ ଅଧିକ କଲେଜ ପ୍ରତିଷ୍ଠା କରିବା ଲାଗି ସରକାରଙ୍କୁ ଅନୁରୋଧ କରିଥିବା ବେଳେ ସଦସ୍ୟ ଜଲେନ

ନାୟକ ରାଇରଙ୍ଗପୁରର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ତେବେ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

Desk

## ବିଧାନସଭା-୨

ବିଧାନସଭାରେ ଆଜି ମହିଳା ଓ ଶିଶୁ ବିଭାଗ, ନିର୍ମାଣ, ପର୍ଯ୍ୟଟନ, ଅବକାରୀ, ମିଶନ ଶକ୍ତି ଓ ଆଇନ ବିଭାଗର ୩୦ଟି ପ୍ରଶ୍ନ ଆଲୋଚନା ପାଇଁ ଗ୍ରହଣ କରାଯାଇଥିଲେ ମଧ୍ୟ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ତାହା ସମ୍ଭବ ହୋଇପାରିନଥିଲା। ତେବେ କେତେକ ପ୍ରଶ୍ନର ଲିଖିତ ଉତ୍ତର ଉପସ୍ଥାପିତ ହୋଇଥିଲା। ସଦସ୍ୟ ଭାସ୍କର ମଢ଼େଇଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, କିଶୋର ନ୍ୟାୟ ଆଇନ - ୨୦୧୫ ଅନୁଯାୟୀ ପିତୃମାତୃହୀନ ଓ ପରିତ୍ୟକ୍ତ ଶିଶୁମାନଙ୍କୁ ଯତ୍ନ ଓ ସୁରକ୍ଷା ଅବଶ୍ୟକ କରୁଥିବା ଶିଶୁ ରୂପେ ବିବେଚନା କରାଯାଉଛି। ସେ କହିଥିଲେ, ସେହିଭଳି ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରାଜ୍ୟରେ ମିଶନ ବାତ୍ସଲ୍ୟ, ପିଏମ୍ କେୟାର୍ସ ଫର୍ ଚିଲଡ୍ରେନ୍, ଯଶୋଦା ଓ ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ କରାଯାଉଛି। ବାତ୍ସଲ୍ୟ ଯୋଜନାରେ ପ୍ରତ୍ୟେକ ଶିଶୁଙ୍କ ପିଛା ୪ ହଜାର ଟଙ୍କା ଲେଖାଏଁ ଯୋଗାଉ ଦିଆଯାଉଥିବା ବେଳେ ପିଏମ୍ କେୟାର୍ସ ଫର୍ ଚିଲଡ୍ରେନ୍ ଯୋଜନାରେ କରୋନା

ମହାମାରୀରେ ଉଭୟ ପିତା ମାତାଙ୍କୁ ହରାଇଥିବା ଶିଶୁମାନଙ୍କୁ ୪ ହଜାର ଟଙ୍କା ସହ ବାର୍ଷିକ ୨୦ ହଜାର ଟଙ୍କା ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି।

ଶ୍ରୀମତୀ ପରିଡ଼ା କହିଛନ୍ତି, ସମ୍ପୃକ୍ତ ଶିଶୁମାନେ ୧୮ ବର୍ଷ ବୟସରେ ଉପନୀତ ହେବାପରେ ୧୦ ଲକ୍ଷ ଟଙ୍କାର ଏକକାଳୀନ ସହାୟତା ପାଇଁ ଜମା ବ୍ୟବସ୍ଥା କରାଯାଇଛି। ତେବେ ରାଜ୍ୟରେ ୨୦୫ଟି ଶିଶୁଯତ୍ନ ଅନୁଷ୍ଠାନ କାମ କରୁଥିବା ବେଳେ ୭ ହଜାର ୧୧୭ ଜଣ ଶିଶୁଙ୍କ ଯତ୍ନ ନିଆଯାଉଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସଦସ୍ୟ ରାମଚନ୍ଦ୍ର କାଡ଼ାମଙ୍କ କୋରାପୁଟ ଜିଲ୍ଲାରେ ପର୍ଯ୍ୟଟନ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ପରିଡ଼ା କହିଛନ୍ତି, କୋରାପୁଟ ଜିଲ୍ଲାରେ ପର୍ଯ୍ୟଟନର ବିକାଶ ପାଇଁ ଗତ ୩ ବର୍ଷ ମଧ୍ୟରେ ୭୨କୋଟି ୫୦ ଲକ୍ଷ ୩୦ ହଜାର ଟଙ୍କାର ଅର୍ଥରାଶି ମଞ୍ଜୁର କରାଯାଇଛି।

HS

## ବିଧାନସଭା-୫

ରାଜ୍ୟରେ ବାଲ୍ୟବିବାହ ହାର ଜାତୀୟ ହାରଠାରୁ କମ୍ ରହିଥିବା ଜଣାପଡ଼ିଛି। ଆଜି ବିଧାନସଭାରେ ସଦସ୍ୟ ଅମର ନାୟକଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟର ୧୨ଟି ଜିଲ୍ଲାରେ ବାଲ୍ୟବିବାହ ହାର ଅଧିକ ରହିଛି। ନବରଙ୍ଗପୁରରେ ବାଲ୍ୟବିବାହ ହାର ସର୍ବାଧିକ ୩୯ ଦଶମିକ ୪ ପ୍ରତିଶତ ରହିଥିବା ଶ୍ରୀମତୀ ପରିଡ଼ା କହିଛନ୍ତି। ନୟାଗଡ଼ରେ ୩୫ ଦଶମିକ ୭, କୋରାପୁଟରେ ୩୫ ଦଶମିକ ୫, ରାୟଗଡ଼ାରେ ୩୩ ଦଶମିକ ୨ ପ୍ରତିଶତ ବାଲ୍ୟବିବାହ ହାର

ରହିଛି । ଜାତୀୟସ୍ତରରେ ବାଲ୍ୟବିବାହ ହାର ୨୩ ଦଶମିକ ୩ ପ୍ରତିଶତ ତୁଳନାରେ ଓଡ଼ିଶାରେ ସେହି ହାର ୨୦ ଦଶମିକ ୫ ପ୍ରତିଶତ ରହିଛି । ସାମାଜିକ ପ୍ରଥା ଓ ପାରମ୍ପରିକ ଧାରଣା, ଲିଙ୍ଗଭିତ୍ତିକ ବିଷମତା, ଦାରିଦ୍ର୍ୟ ଓ କିଶୋରୀମାନଙ୍କୁ ଶିକ୍ଷାର ଅଭାବ ବାଲ୍ୟବିବାହର କାରଣ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

ଅନ୍ୟପକ୍ଷରେ ରାଜ୍ୟରେ ୭ ହଜାର ୬୬୫ ଜଣ ପୃଷ୍ଟିହୀନ ଶିଶୁ ରହିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ବିଧାନସଭାରେ ଆଜି ସଦସ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ପରିଡ଼ା କହିଛନ୍ତି, ୨୦୨୬ ତଥ୍ୟ ଅନୁଯାୟୀ ମୟୂରଭଞ୍ଜରେ ୭୪୬ ଜଣ ଓ କେନ୍ଦୁଝରରେ ୬୩୪ ଜଣ ଅତିଶୟ ପୃଷ୍ଟିହୀନ ରହିଛନ୍ତି ।

HS

## ବିଧାନସଭା-୪

୨୦୨୪ ମସିହା ଜୁନ୍ ମାସ ସୁଦ୍ଧା ପୁରୀ ଶ୍ରୀମନ୍ଦିର ଉପରେ ୧୦ଥର ବେଆଇନ୍ ଭାବେ ଡ୍ରୋନ୍ ଉଡ଼ିଥିବା ଜଣାପଡ଼ିଛି । ଆଜି ବିଧାନସଭାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ତଥ୍ୟ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ୧୦ଟି ମାମଲା ମଧ୍ୟରୁ ଦୁଇଟି ମାମଲାରେ ତଦନ୍ତ ଚୂଡ଼ାନ୍ତ ହୋଇଛି । ୮ଟି ମାମଲାର ତଦନ୍ତ ଜାରି ରହିଛି । ଅନ୍ୟ ପକ୍ଷରେ ୨୦୨୪ ମସିହାରୁ ଆଜି ସୁଦ୍ଧା ୭୦୦ ଜଣ ବ୍ୟକ୍ତି ଅନଧିକୃତଭାବେ ମୋବାଇଲ ସହ ଶ୍ରୀମନ୍ଦିର ପରିସରକୁ ପ୍ରବେଶ ଅଭିଯୋଗରେ ୬ ଲକ୍ଷ ୯୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି,

ଅନଧିକୃତ ପ୍ରବେଶ ନେଇ ସିଂହଦ୍ୱାର ଥାନାରେ ରୁଜୁ କରାଯାଇଥିବା ୬ଟି ମାମଲା ମଧ୍ୟରୁ ୭ଟିର ସମାଧାନ ହେବା ସହ ୨ଟି ତଦନ୍ତ ଜାରି ରହିଛି । ଶ୍ରୀ ହରିଚନ୍ଦନ କହିଛନ୍ତି, ବେଆଇନ୍ ଭାବେ ଶ୍ରୀମନ୍ଦିର ଭିତରେ ଫଟୋ ଓ ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ୮ଥର ପ୍ରସାରଣ ହୋଇଥିବା ଅଭିଯୋଗ ହୋଇଛି । ସିଂହଦ୍ୱାର ଥାନା ୮ଟି ମାମଲା ରୁଜୁ ସହିତ ୫ଟି ମାମଲାର ସମାଧାନ ହୋଇଥିବା ଏବଂ ତିନୋଟି ମାମଲାର ତଦନ୍ତ ଚାଲିଥିବା ଆଇନମନ୍ତ୍ରୀ ଲିଖିତ ଉତ୍ତରରେ ବିଧାନସଭାକୁ ଜଣାଇଛନ୍ତି ।

Assembly

## ବିଧାନସଭା-୩

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୬ କୋଟି ୪ ଲକ୍ଷ ୨୬ ହଜାର ୯୪୩ ଏକର ପରିମିତ ଜମି ରହିଥିବା ଚିହ୍ନଟ କରାଯାଇଛି । ଆଜି ବିଧାନସଭାରେ ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏହି ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଦେବୋତ୍ତର ଜମି ଜବରଦଖଲମୁକ୍ତ କରିବା ପାଇଁ ରାଜ୍ୟରେ ୨୪ଟି ଜିଲ୍ଲାର ବନ୍ଦୋବସ୍ତ ରେକର୍ଡକୁ ଭିତ୍ତିକରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ପରିମାଣ ଚିହ୍ନଟ କରାଯାଇଛି । ସେ କହିଛନ୍ତି, ଚିହ୍ନଟ ହୋଇଥିବା ଜମି ମଧ୍ୟରୁ ୩ କୋଟି ୮୦ ଲକ୍ଷ ୬୧ ହଜାର ୮୯୨ ଏକର ପରିମିତ ଜମିର ସଂଶୋଧିତ ସ୍ୱତ୍ତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ରହିଛି । ଶ୍ରୀହରିଚନ୍ଦନ କହିଛନ୍ତି, ୭ଟି ଜିଲ୍ଲାରେ ଜବରଦଖଲ ହୋଇଥିବା ୨ କୋଟି ୭୨ ଲକ୍ଷ ୧୪ ହଜାର ଏକ ଶହ

ଷତଷଠୀ ଏକର ପରିମିତ ଜମିକୁ ଶ୍ରୀମନ୍ଦିର ପ୍ରଶାସନ ଅଧିକାରକୁ ଆଣିବା ଲାଗି ୯୧୯ଟି ମୋକଦ୍ଦମା ଦାଏର କରାଯାଇଛି।

Desk

## ଭୋଟର ତାଲିକା ସଂଶୋଧନ

ରାଜ୍ୟରେ ଆସନ୍ତା ଏପ୍ରିଲ ମାସ ପହିଲାରୁ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ– ଏସ୍.ଆଇ.ଆର୍ ଆରମ୍ଭ ହେବ। ଏହି ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ସନ୍ତୁଗୋପାଳନ ସୂଚନା ଦେଇଛନ୍ତି। ୨୦୦୨ ଏସ୍.ଆଇ.ଆର୍ ତାଲିକା ବିବରଣୀ ଯାଞ୍ଚ କରି ଜଣାଇବା ପାଇଁ ଅଧିକାରୀମାନଙ୍କୁ କୁହାଯାଇଛି। ବର୍ତ୍ତମାନ ସମୟରେ ମ୍ୟାପିଂ ଜାରି ରହିଛି ବୋଲି ଶ୍ରୀ ଗୋପାଳନ କହିଛନ୍ତି। ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି। ନିର୍ବାଚନ ଆୟୋଗ ଗତ ୧୯ ତାରିଖରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କିତ ପ୍ରସ୍ତୁତି କାର୍ଯ୍ୟ ସମ୍ପନ୍ନ କରିବା ଲାଗି ଓଡ଼ିଶା ସମେତ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟରତାଲିକା ସଂଶୋଧନ ପ୍ରକ୍ରିୟା ଜାରି ରହିଛି।

HS

## ଗ୍ଲୋବାଲ ଭିସା ଆବେଦନ

ଚଳିତ ବର୍ଷ ଏପ୍ରିଲ ୧ ଓଡ଼ିଶା ଦିବସ ଅବସରରେ ଭୁବନେଶ୍ୱରରେ ଭି.ଏଫ୍.ଏସ୍. ଗ୍ଲୋବାଲ ଭିସା ଆବେଦନ କେନ୍ଦ୍ର କାର୍ଯ୍ୟକ୍ଷମ ହେବ। ଭି.ଏଫ୍.ଏସ୍. ଗ୍ଲୋବାଲ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବିନ କର୍କାରିଆ' କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ବିଷୟରେ ଅବଗତ କରାଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଭୁବନେଶ୍ୱରରେ ଏହି ସେବା ମିଳିବା ପରେ ଓଡ଼ିଶାର ଛାତ୍ରଛାତ୍ରୀ ଓ ବ୍ୟବସାୟୀମାନଙ୍କୁ ଭିସା ପାଇଁ କଲିକତା କିମ୍ବା ଅନ୍ୟ ସହରକୁ ଯିବାକୁ ପଡ଼ିବ ନାହିଁ। ଅନ୍ୟପକ୍ଷରେ ଏହି କେନ୍ଦ୍ର ସ୍ଥାପନ ହେଲେ ନୂତନ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଥିବା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ କେତେକ ବଛା ବଛା ଦେଶ ପାଇଁ ଆବେଦନପତ୍ର ଗ୍ରହଣ କରାଯିବ ଓ ପରବର୍ତ୍ତୀ ସମୟରେ ଆବଶ୍ୟକତା ଅନୁଯାୟୀ ଅନ୍ୟ ଦେଶଗୁଡ଼ିକୁ ଏଥିରେ ସାମିଲ କରାଯିବ। ଏହି ନିଷ୍ପତ୍ତି ପାଇଁ ମନ୍ତ୍ରୀ ଶ୍ରୀ ପ୍ରଧାନ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

Desk

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

ବିଶ୍ୱରେ ଭାଷା ଏବଂ ସାଂସ୍କୃତିକ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ମାତୃଭାଷାକୁ ବଞ୍ଚାଇ ରଖିବା ପାଇଁ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ଏହି ଦିବସର ବିଷୟବସ୍ତୁ

ରହିଛି 'ବହୁ ଭାଷା ଭିତ୍ତିକ ଶିକ୍ଷା କ୍ଷେତ୍ରରେ ଯୁବସ୍ୱର'। ମାତୃଭାଷାର ଗୁରୁତ୍ୱକୁ ରେଖାଙ୍କିତ କରିବା ପାଇଁ ୨୦୦୦ ମସିହାରୁ ୟୁନେସ୍କୋ ପକ୍ଷରୁ ଏହି ଦିବସ ପାଳନ କରାଯାଉଛି। ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...

ହୃଦୟର ଆବେଗକୁ ଭାବପୂର୍ଣ୍ଣ ଭାବେ ବ୍ୟକ୍ତ କରୁଥିବା ଭାଷାକୁ ମାତୃଭାଷା କୁହାଯାଏ। କବି ଗଙ୍ଗାଧର ମେହେର ତାଙ୍କ କାଳଜୟୀ ପଙ୍‌କ୍ତିରେ ଲେଖିଛନ୍ତି, 'ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା।' ବିଶ୍ୱରେ ପ୍ରାୟ ୭ ହଜାର ଭାଷାରେ ଲୋକମାନେ କଥାବାର୍ତ୍ତା କରିଥାନ୍ତି। ଭାଷାବିତ୍‌ମାନଙ୍କର ଆକଳନ ଅନୁସାରେ, ଏହି ସଂଖ୍ୟା ମଧ୍ୟରୁ ଅର୍ଦ୍ଧାଧିକ ଭାଷା **ସଙ୍କଟାପନ୍ନ** ସମୟ ଦେଇ ଗତି କରୁଛି। ଚଳିତ ଶତାବ୍ଦୀ ବେଳକୁ ପ୍ରାୟ ୧ ହଜାର ୫୦୦ ଭାଷା ସବୁଦିନ ପାଇଁ ଲୋପ ପାଇଯିବ। ଓଡ଼ିଶାର ମାଣ୍ଡ, ପରଜୀ, ପେଙ୍ଗୋ ଭାଷାଗୁଡ଼ିକ ଲୋପ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମାତୃଭାଷାର ସୁରକ୍ଷା ସହିତ ଏକ ସମୃଦ୍ଧ ଶୈକ୍ଷିକ ବାତାବରଣ ଗଢ଼ି ତୋଳିବାକୁ ସରକାରୀ ଏବଂ ବେସରକାରୀ ସ୍ତରରେ ପ୍ରୟାସ ଜାରି ରହିଛି।

ରାଜ୍ୟପାଳ ହରିବାବୁ କମ୍ଭମପାଟି ଆନ୍ତର୍ଜାତିକ ମାତୃଭାଷା ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ଦୈନନ୍ଦୀନ ଜୀବନରେ ମାତୃଭାଷାର ବହୁଳ ବ୍ୟବହାର କରିବା ସହ ଏହାର ସୁରକ୍ଷା ଓ ସମୃଦ୍ଧି ପାଇଁ ସଂକଳ୍ପବଦ୍ଧ ହେବାକୁ ପଡ଼ିବ।

ଅନ୍ତର୍ଜାତୀୟ ମାତୃଭାଷା ଦିବସରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇ କହିଛନ୍ତି, ମାତୃଭାଷା କେବଳ ଭାବବିନିମୟର ମାଧ୍ୟମ ନୁହେଁ ବରଂ ଏହା ଆମର ପରମ୍ପରା, ଜୀବନଶୈଳୀ ଓ ଅତୀତର ଅମୂଲ୍ୟ ଜ୍ଞାନକୁ ଆଗାମୀ ପିଢ଼ି ସହ ଯୋଡ଼ିଥାଏ। ଆମେ ଆମର ମାତୃଭାଷାକୁ ନେଇ ଗର୍ବ ଅନୁଭବ କରିବା ଏବଂ ଏହାର ସୁରକ୍ଷା ଓ ପ୍ରସାର ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

HS

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଆବେଦନ ସମୟସୀମା ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସୂଚନା ଅନୁଯାୟୀ, ଆବଦେନକାରୀମାନେ ନିର୍ଦ୍ଧାରିତ ୱେବସାଇଟ୍‌ରେ ଅନଲାଇନ୍ ଜରିଆରେ ଏଥିଲାଗି ଆବେଦନ କରିପାରିବେ ବୋଲି କୁହାଯାଇଛି।

BHK

## ସୁକନ୍ୟା ସମୃଦ୍ଧି ସଚେତନତା

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଣ୍ଡାରୀପୋଖରୀ ବ୍ଲକ ସରକାରୀ ମହୁରା ହାଇସ୍କୁଲଠାରେ ଆର୍ଥିକ ସାକ୍ଷରତା, ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଭିଭାବକମାନେ ୧୦ ବର୍ଷରୁ କମ୍ ଝିଅଙ୍କ ପାଇଁ ସୁକନ୍ୟା ଓ ପିପିଏଫ୍ ଖାତା ଖୋଲିଥିଲେ। ଆୟୋଜିତ ଶିବିରରେ ବ୍ୟାଙ୍କ ଓ ଡାକ ବିଭାଗ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

Nabarangpur

## ନିଶାଦ୍ରବ୍ୟ ରାକେଟ

ଆନ୍ତଃରାଜ୍ୟ ନିଶା ଦ୍ରବ୍ୟ ରାକେଟ୍ ବିରୋଧରେ ଅଭିଯାନ ଆରମ୍ଭ ହେବା ପରେ ନବରଙ୍ଗପୁରରେ ଭେଷଜ ନିରୀକ୍ଷକ ତତ୍ପର ହୋଇଛନ୍ତି। ସୂଚନା ଅନୁଯାୟୀ, ନବରଙ୍ଗପୁରର ଏକ ମେଡିକାଲ ଷ୍ଟୋର୍‌ରେ ମାଲିକଙ୍କୁ ନିଶାଦ୍ରବ୍ୟ କାରବାର ଅଭିଯୋଗରେ ବସ୍ତର ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ଲକ୍ଷାଧିକ ଟଙ୍କାର ନିଶାଦ୍ରବ୍ୟ ଜବତ କରାଯାଇଛି। ଜିଲ୍ଲାରେ ୩୨୦ଟି ମେଡିକାଲ ଷ୍ଟୋର୍ ଥିବାବେଳେ ନିୟମ ଖିଲାପକାରୀଙ୍କ ବିରୁଦ୍ଧରେ ରିପୋର୍ଟ ପ୍ରସ୍ତୁତ କରାଯାଇ ଉପରିସ୍ଥ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଯାଉଥିବା ଜଣାପଡ଼ିଛି।

Keonjhar

## ବିକାଶ ପ୍ରଶିକ୍ଷଣ ଶିବିର

ସରକାରୀ କାର୍ଯ୍ୟଧାରାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଏବଂ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦିନିକିଆ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। 'ପରିଚାଳନାଗତ ଉତ୍କର୍ଷତା ପାଇଁ ଏ.ଆଇ. ଉପକରଣ' ଶୀର୍ଷକ କର୍ମଶାଳାରେ ଦୈନନ୍ଦୀନ ପ୍ରଶାସନରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର ନେଇ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

Subarnpur

## ଇଙ୍କଫେଷ୍ଟ

ସୁବର୍ଣ୍ଣପୁର ଜିଲ୍ଲାରେ ଚାଲିଥିବା ଇଙ୍କ୍‌ଫେଷ୍ଟର ବୌଦ୍ଧିକ ମଞ୍ଚରେ 'ମହାନଦୀ ଜଳପ୍ରଦୂଷଣ ଓ ଆମ ଜୀବନଜୀବିକା' ଶୀର୍ଷକ ଉପରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା କର୍ମୀ ରଞ୍ଜନ ପଣ୍ଡା ଓ ସାମାଜିକ କର୍ମୀ ଘାସିରାମ ପଣ୍ଡା ଆଲୋଚକ ଭାବେ ଯୋଗଦେଇ ଅପମିଶ୍ରିତ ଓ ପ୍ଲାଷ୍ଟିକ ଅବଶେଷ ଯୋଗୁଁ ସୃଷ୍ଟି ହେଉଥିବା ପରିବେଶ ସଂକଟ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ।

Gajapati

## ଆଶାକର୍ମୀ- କର୍ମଶାଳା

ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ବାଘଶାଳା ଗ୍ରାମର ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆଶାକର୍ମୀମାନଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମମତା ପାଢ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ

ଅଧିକାରୀ ମଧୁସ୍ମିତା ସୁନା ଯୋଗଦେଇ ନିରାପଦ ମାତୃତ୍ୱ, ପ୍ରସବକାଳୀନ ନିରାପତ୍ତା ଓ ଶିଶୁ ଯତ୍ନ ସମ୍ପର୍କରେ ମା' ଓ ଗର୍ଭବତୀ ମହିଳାମାନଙ୍କୁ ସଚେତନ କରିଥିଲେ।